**ଗ୍ରାମୀଣ କୃଷି ମୌସମ ସେବା**
**ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. – *ମାଲକାନଗିରି***
**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ**
***କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି,***
***ମୁଣ୍ଡାଗୁଡ଼ା, ପୋ.+ଜିଲ୍ଲା – ମାଲକାନଗିରି, ଓଡ଼ିଶା- ୭୬୪୦୪୫***

ସପ୍ତାହ କ୍ର.ସଂ.- ୪୯ | **ପାଣିପାଗ ଜନିତ କୃଷି ଉପଦେଶ** | ତାରିଖ – ୦୮.୧୨.୨୦୨୩

**ଜିଲ୍ଲା- ମାଲକାନଗିରି (ସାଉଥ ଇଷ୍ଟର୍ନ ଘାଟ ଜୋନ)**

| ଗତ ଚାରି ଦିନର ପାଣିପାଗ ଅବସ୍ଥା | | | | |
|---|---|---|---|---|
| ତାରିଖ | ୦୪.୧୨.୨୦୨୩ | ୦୫.୧୨.୨୦୨୩ | ୦୬.୧୨.୨୦୨୩ | ୦୭.୧୨.୨୦୨୩ |
| ବୃଷ୍ଟିପାତ (ମି.ମି.) | ୦.୦ | ୨.୭ | ୪୦.୨ | ୫.୩ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୩୧ | ୩୧ | ୨୬ | ୨୭ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୧୯ | ୨୪ | ୨୧ | ୨୦ |

**ଆସନ୍ତା ପାଞ୍ଚ ଦିନର (୦୯.୧୨.୨୦୨୩ ଠାରୁ ୧୩.୧୨.୨୦୨୩) ପାଣିପାଗର ପୂର୍ବାନୁମାନ**

**(ଏମ.ସି., ଆଇ.ଏମ.ଡି., ଭୁବନେଶ୍ୱର ଅନୁଯାୟୀ)**

ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆକାଶ ମୁଖ୍ୟତ ପରିଷ୍କାର ରୁ ଆଂଶିକ ମେଘୁଆ ପାଗ ରହିବ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ବର୍ଷା ହେବାର ସମ୍ଭାବନା ନାହିଁ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରା ୨୮ ରୁ ୩୦ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୧୬ ରୁ ୧୮ ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି। ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୮୦ ରୁ ୮୮ ଭାଗ ଏବଂ ୩୯ ରୁ ୪୮ ଭାଗ ରହିବାର ସମ୍ଭାବନା ଅଛି।

| ତାରିଖ | ବୃଷ୍ଟିପାତ (ମି.ମି.) | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ମେଘାଛନ୍ନ | ସର୍ବାଧିକ ଆର୍ଦ୍ରତା (%) | ସର୍ବନିମ୍ନ ଆର୍ଦ୍ରତା (%) | ପବନର ବେଗ (କି.ମି./ଘଣ୍ଟା) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|
| ୦୯.୧୨.୨୦୨୩ | ୦ | ୨୮ | ୧୮ | ୪ | ୮୮ | ୪୮ | ୪ | ୧୨୪ |
| ୧୦.୧୨.୨୦୨୩ | ୦ | ୨୯ | ୧୭ | ୩ | ୮୬ | ୪୨ | ୪ | ୭୨ |
| ୧୧.୧୨.୨୦୨୩ | ୦ | ୩୦ | ୧୬ | ୨ | ୮୨ | ୪୦ | ୪ | ୯୦ |
| ୧୨.୧୨.୨୦୨୩ | ୦ | ୩୦ | ୧୬ | ୧ | ୮୩ | ୪୦ | ୩ | ୧୧୨ |
| ୧୩.୧୨.୨୦୨୩ | ୦ | ୩୦ | ୧୬ | ୨ | ୮୦ | ୩୯ | ୪ | ୯୦ |

**ପାଣିପାଗ ଭିତ୍ତିକ କୃଷି ଉପଦେଶ**

ସାଧାରଣ:

- ଖରିଫ ଫସଲର ଅବଶେଷ ଜଳାନ୍ତୁ ନାହିଁ । ଏହା ପରିବେଶ ପ୍ରଦୁଷଣ କରିବା ସହିତ ଶରୀରକୁ ମଧ୍ୟ ବହୁତ କ୍ଷତି ପହଞ୍ଚାଇ ଥାଏ ।
- ବର୍ଷାଶ୍ରୀତ ସ୍ୱଳ୍ପ ଖାଲୁଆଜମି ଯେଉଁଠାରେ ଜଳସେଚନର ସୁବିଧା ନାହିଁ ସେହିଠାରେ ବିଭିନ୍ନ ଫସଲ ଯଥା ମୁଗ, ବିରି, ମସୁର ଇତ୍ୟାଦି ପାଇରା ଫସଲ ହିସାବରେ ଜମିରେ ବତର ଥିବା ଅବସ୍ଥାରେ ଏବଂ ଧାନ ଅମଳ କରିବାର ୧୫ ଦିନ ପୂର୍ବରୁ ବୁଣି ଦିଅନ୍ତୁ । ୨୫% ଅଧିକ ମଞ୍ଜି ବୁଣନ୍ତୁ ।
- ସ୍ୱଳ୍ପ ଜଳସେଚନର ସୁବିଧାଥିବା ଉଚ୍ଚ ଜମିରେ ତୋରିଆ, ସୋରିଷ ଇତ୍ୟାଦି ବୁଣା ଯାଇପାରିବ ।
- ଜଳସେଚିତ ମଧ୍ୟମ ଜମିରେ ଧାନ କାଟିବା ପରେ ଚିନାବାଦାମ, ଶୀତଦିନିଆ ମକା ଇତ୍ୟାଦି ଫସଲ ଚାଷ କରନ୍ତୁ ।

ଧାନ:

- ଖରିଫ ଧାନ କାଟିବା କାମ ଜାରି ରଖନ୍ତୁ, ପ୍ରତ୍ୟେକ କିସମ ଅଲଗା କାଟନ୍ତୁ ଏବଂ ଅଲଗା ସଫା କରି ବସ୍ତାରେ ରଖନ୍ତୁ । ଧାନକୁ ଷ୍ଟୋର କରିବା ପୂର୍ବରୁ ଏହାକୁ ସଠିକ୍ ଭାବରେ ଶୁଖାଇ ନିଅନ୍ତୁ ।

- ବର୍ତ୍ତମାନ ପାଗ ଡାଲୁଅ ଧାନର ତଳି ପକାଇବା ପାଇଁ ଉପଯୁକ୍ତ । ଆଗୁରୁ ରୁଆରୋଇ କାମ ସାରିଲେ କାଣ୍ଡବିନ୍ଧା ପୋକର ଆକ୍ରମଣ କମ୍ ହେବ ତେଣୁ ଡିସେମ୍ବର ମାସ ମଧ୍ୟରେ ତଳି ପକାଇବା କାମ ପୁରା କରନ୍ତୁ ।
- ପ୍ରତି ଏକର ଜମି ରୋଇବାକୁ ୮ ଡେସିମିଲି ଅଥବା ୩୨୦ ବର୍ଗ ମିଟର ଜମି ତଳିଘେରା ପାଇଁ ଆବଶ୍ୟକ ହୋଇଥାଏ । ହୃଷ୍ଟ ପୁଷ୍ଟ ତଳି ଉତ୍ପାଦନ ପାଇଁ ୮ ଡେସିମିଳି ତଳିଘେରାରେ ୧୬୦ କି.ଗ୍ରା. ସଢା ଗୋବର ଖତ, ୩.୫ କି.ଗ୍ରା. ଡି.ଏ.ପି., ୨.୭ କି.ଗ୍ରା. ପଟାସ, ୨.୧ କି.ଗ୍ରା. ୟୁରିଆ ଏବଂ ୧୬୦ ଗ୍ରାମ୍ ଜିଙ୍କ୍ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ । ବୁଣିବା ପୂର୍ବରୁ ପ୍ରତି କିଲୋ ବିହନରେ ୩ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. କିମ୍ବା ୨ ଗ୍ରାମ୍ କାର୍ବୋକ୍ସିନ୍ ୩୭.୫% + ଥିରାମ୍ ୩୭.୫% ଡି.ଏସ୍. ମିଶାଇ ବିଶୋଧନ କରନ୍ତୁ ।

ଚିନାବାଦାମ:

- ଚିନାବାଦାମ ପାଇଁ ଜମି ପ୍ରସ୍ତୁତି ଏବଂ ବୁଣିବା କାମ ଆରମ୍ଭ କରନ୍ତୁ । ଏକର ପିଛା ୫୦ କି.ଗ୍ରା. ମଞ୍ଜି ଧାରୀକୁ ଧାଡ଼ି ୨୫ ସେ.ମି. ଏବଂ ଗଛକୁ ଗଛ ୧୦ ସେ.ମି. ବ୍ୟାବଧାନରେ ବୁନନ୍ତୁ । ଲଗାଇବାବେଳେ ଏକର ପିଛା ୩୫ କି.ଗ୍ରା. ଡି.ଏ.ପି., ୪ କି.ଗ୍ରା. ୟୁରିଆ ଓ ୨୭ କି.ଗ୍ରା. ପଟାସ ସାର ସହିତ ୧୦ କି.ଗ୍ରା ଜିଙ୍କ ସଲଫେଟ ଏବଂ ୪ କି.ଗ୍ରା ବୋରାକ୍ସକୁ ମୂଳସାର ଭାବେ ପ୍ରୟୋଗ କରନ୍ତୁ । ପ୍ରତି କି.ଗ୍ରା. ବିହନକୁ ବୁଣିବାର ଆଗରୁ ୧୦ ଗ୍ରାମ୍ ଟ୍ରାଇକୋଡାର୍ମା ହାର୍ଜିଆନାମ/ଭିରିଡେ କିମ୍ବା ୩ ଗ୍ରାମ୍ କାର୍ବୋକ୍ସିନ୍ ୩୭.୫% + ଥିରାମ୍ ୩୭.୫% ଡି.ଏସ୍. ଦ୍ୱାରା ମଞ୍ଜି ବିଶୋଧନ କରନ୍ତୁ ଏବଂ ୭ ଦିନ ପରେ ପ୍ରତି ୫୦ କି.ଗ୍ରା. ମଞ୍ଜି ପାଇଁ ୬୦୦ ଗ୍ରାମ୍ ରାଇଜୋବିଯମ କଲଚରକୁ ମିଶାଇ ବିହନ ବିଶୋଧନ କରି ବୁଣନ୍ତୁ ।

ସୋରିଷ/ତୋରିଆ:

- ଏକର ପ୍ରତି ୩ କି.ଗ୍ରା. ହିସାବରେ ସୋରିଷ/ତୋରିଆ ମଞ୍ଜି ଧାରୀକୁ ଧାଡ଼ି ୩୦ ସେ.ମି. ଏବଂ ଗଛକୁ ଗଛ ୧୦ ସେ.ମି. ବ୍ୟାବଧାନରେ ବୁଣନ୍ତୁ । ବୁଣିବାର ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୧.୫ ଗ୍ରାମ୍ କାର୍ବୋକ୍ସିନ୍ ୩୭.୫% + ଥିରାମ୍ ୩୭.୫% ଡି.ଏସ୍. ମିଶାଇ ମଞ୍ଜି ବିଶୋଧନ କରନ୍ତୁ ।
- ଲଗାଇବାବେଳେ ଏକର ପିଛା ୨୨ କି.ଗ୍ରା. ୟୁରିଆ, ୩୫ କି.ଗ୍ରା. ଡି.ଏ.ପି.ଓ ୨୭ କି.ଗ୍ରା. ପଟାସ ସାର ସୋରିଷ ପାଇଁ ଏବଂ ୧୩ କି.ଗ୍ରା. ୟୁରିଆ, ୨୨ କି.ଗ୍ରା. ଡି.ଏ.ପି.ଓ ୧୭ କି.ଗ୍ରା. ପଟାସ ସାର ତୋରିଆପାଇଁ ମୂଳସାର ଭାବେ ପ୍ରୟୋଗ କରନ୍ତୁ ।
- ଶେଷ ଓଡ଼ ଚାଷ କଲାବେଳେ ଏକର ପ୍ରତି ୧୦୦ କି.ଗ୍ରା. ଜିପସମ କିମ୍ବା ୨୦ କି.ଗ୍ରା. ସଲଫାର (୯୦% ସଲଫାର) ପ୍ରୟୋଗ କରନ୍ତୁ।

ବାଇଗଣ:

- ବାଇଗଣ ଫସଲରେ କାଣ୍ଡ ବିନ୍ଧା ପୋକ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୩ ମି.ଲି. ଏଜାଡିରକ୍ଟିନ୍ ୧% ଇ.ସି. କିମ୍ବା ୦.୪ ଗ୍ରାମ୍ ଏମାମେକ୍ଟିନ୍ ବେଞ୍ଜୋଏଟ୍ ୫% ଏସ୍.ଜି. ମିଶାଇ ସିଞ୍ଚନ କରନ୍ତୁ ।

ଟମାଟୋ:

- ଟମାଟୋ ଜମିରେ ସଅଳ ପତ୍ର ପୋଡ଼ା ରୋଗ ଦେଖାଦେଇପାରେ, ଦେଖାଗଲେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୧ ମି.ଲି. ଆଜୋକ୍ସିଷ୍ଟ୍ରୋବିନ୍ ୧୮.୨% + ଡାଇଫେନୋକୋନାଜୋଲ୍ ୧୧.୪% ଏସ୍.ସି. କିମ୍ବା ୨.୫ ଗ୍ରାମ୍ କ୍ୟାପଟନ୍ ୫୦% ଡବ୍ଲୁ.ପି. ମିଶାଇ ସିଞ୍ଚନ କରନ୍ତୁ ।
- ଜମିରେ ଧଳା ମାଛି ଦେଖାଦେଇପାରେ, ଏହାର ଦମନ କରିବା ପାଇଁ ପ୍ରତି ୧୫ ଲିଟର ପାଣିରେ ୩.୭୫ ମି.ଲି. ଥାୟୋମେଥୋକ୍ସାମ୍ ୧୨.୬% + ଲାମଡା ସାଇହେଲୋଥ୍ରିନ୍ ୯.୪% ଜେଟ୍.ସି. କିମ୍ବା ୧.୫ ଗ୍ରାମ୍ ଇମିଡାକ୍ଲୋପ୍ରିଡ୍ ୭୦% ଡବ୍ଲୁ.ଜି. ମିଶାଇ ସିଞ୍ଚନ କରନ୍ତୁ।

ଭେଣ୍ଡି:

- ଭେଣ୍ଡି ଜମିରେ ସାହେବୀ ରୋଗର ବାହକକୁ ଏବଂ ଜଉ ପୋକ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୧.୫ ଗ୍ରାମ୍ ବୁପ୍ରୋଫେଜିନ୍ ୧୫% + ଏସିଫେଟ୍ ୩୫% ଡବ୍ଲୁ.ପି. ଅଥବା ପ୍ରତି ୧୫ ଲିଟର ପାଣିରେ ୩ ଗ୍ରାମ୍ ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁ.ଜି. ମିଶାଇ ସିଞ୍ଚନ କରନ୍ତୁ ।

ବିଶେଷ ଦ୍ରଷ୍ଟବ୍ୟ: ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତୀ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଓ ରାଜ୍ୟର କୃଷି ଅଧିକାରୀ/ଉଦ୍ୟାନ କୃଷି ଅଧିକାରୀ ସହିତ ସମ୍ପର୍କ କରନ୍ତୁ।

ଡଃ.ପର୍ଶୁରାମ ଶିଅଳ
(ନୋଡାଲ୍ ଅଫିସର, ଜି.କେ.ଏମ୍.ଏସ୍., ମାଲକାନଗିରି)